# NATIONAL NEWS BULLETIN (ODIA)

**29 January - 2026**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ସମସ୍ୟା ପରିବର୍ତ୍ତେ ଦେଶର ବିକାଶ ଲାଗି ଗଠନମୂଳକ କାର୍ଯ୍ୟରେ ସହଭାଗି ହେବା ନିମନ୍ତେ ଆହ୍ୱାନ ଦେଲେ ପ୍ରଧାନମନ୍ତ୍ରୀ ।
- ୨୦୨୬ ଆର୍ଥିକ ବର୍ଷରେ ମୋଟ୍ ଘରୋଇ ଉତ୍ପାଦ ୭ ଦଶମିକ ୪ ପ୍ରତିଶତ ବୃଦ୍ଧି ନେଇ ଆକଳନ

\- ଲୋକସଭାରେ ଆଜି ଅର୍ଥନୈତିକ ସର୍ଭେ ରିପୋର୍ଟ ଉପସ୍ଥାପନ କଲେ ଅର୍ଥମନ୍ତ୍ରୀ ।

- ମହାରାଷ୍ଟ୍ରର ପରଲୋକଗତ ଉପମୁଖ୍ୟମନ୍ତ୍ରୀ ଅଜିତ ପାୱାରଙ୍କ ଶେଷକୃତ୍ୟ ସମ୍ପନ୍ନ ।
- ୭୭ତମ ଗଣତନ୍ତ୍ର ଦିବସ ସମାରୋହର ଉଦ୍‌ଯାପନୀ ଅବସରରେ ଆଜି ନୂଆଦିଲ୍ଲୀରେ ଅନୁଷ୍ଠିତ ହେବ ଧ୍ୱଜାବତରଣ ସମାରୋହ ।

ଏବଂ

- ଅଭିବ୍ୟକ୍ତିର ସ୍ୱାଧୀନତା ଅସୀମିତ ନୁହେଁ କିମ୍ବା କୌଣସି ବ୍ୟକ୍ତି ବା ସଂଗଠନ ବିରୋଧରେ ଖରାପ ଉଦ୍ଦେଶ୍ୟରେ ବ୍ୟବହାର କରାଯାଇପାରିବ ନାହିଁ ବୋଲି ସ୍ପଷ୍ଟ କଲେ ଦିଲ୍ଲୀ ଉଚ୍ଚନ୍ୟାୟାଳୟ ।

# ପାର୍ଲ୍ୟାମେଣ୍ଟ-ପିଏମ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି ଦେଶ ଏବେ ଦୀର୍ଘକାଳୀନ ଅସମାହିତ ସମସ୍ୟା ପରିବର୍ତ୍ତେ ଦୀର୍ଘକାଳୀନ ସମାଧାନର ରାସ୍ତାରେ ଅଗ୍ରଗତି କରୁଛି । ସେ କହିଛନ୍ତି ତାଙ୍କ ସରକାର ସଂସ୍କାର, ପ୍ରଦର୍ଶନ ଏବଂ ପରିବର୍ତ୍ତନକୁ ଗ୍ରହଣ କରିଥିବାବେଳେ ସଂସ୍କାରମୂଳକ ପଦକ୍ଷେପଗୁଡ଼ିକୁ ତ୍ୱରାନ୍ୱିତ କରାଯାଉଛି । ଆଜି ସଂସଦ ପରିସରରେ ବଜେଟ୍ ଅଧିବେଶନର ଦ୍ୱିତୀୟ ଦିନରେ ଗଣମାଧ୍ୟମକୁ ସମ୍ବୋଧିତ କରି ଶ୍ରୀ ମୋଦୀ କହିଛନ୍ତି, ସଂସ୍କାରମୂଳକ ଯୋଜନା ଗୁଡ଼ିକର ଲାଭ ଯେଭଳି ଶେଷତମ ବ୍ୟକ୍ତିଙ୍କ ନିକଟରେ ପହଞ୍ଚାଯାଇ ପାରିବ ତାହା ଉପରେ ସରକାର ପ୍ରାଧାନ୍ୟ ଦେଇଛନ୍ତି । ୨୦୪୭ ମସିହା ସୁଦ୍ଧା ବିକଶିତ ଭାରତ ଲକ୍ଷ୍ୟ ପୂରଣ କରିବା ପାଇଁ ଆସନ୍ତା ୨୫ ବର୍ଷ ମହତ୍ୱପୂର୍ଣ୍ଣ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ସେ କହିଛନ୍ତି ଗତକାଲି ସଂସଦର ଉଭୟ ଗୃହକୁ ରାଷ୍ଟ୍ରପତିଙ୍କ ଅଭିଭାଷଣ ଦେଶର ୧୪୦ କୋଟି ଲୋକଙ୍କ ଆଶା ଓ ଭରସାର ପ୍ରତିଫଳନ ଥିଲା ।

**V/O (1 PM on Prez)**

ଭାରତ ଏବଂ ୟୁରୋପୀୟ ସଂଘ ମଧ୍ୟରେ ବାଣିଜ୍ୟ ଚୁକ୍ତିନାମା ଚୂଡାନ୍ତ ହେବା ନେଇ ପ୍ରଧାନମନ୍ତ୍ରୀ ବିଶ୍ୱାସପ୍ରକଟ କରିଛନ୍ତି ଏବଂ କହିଛନ୍ତି ଏହା ଏକ ପ୍ରତିଯୋଗିତାମୂଳକ ଏବଂ ଉତ୍ପାଦନମୁଖୀ ଭାରତ ଗଠନ ଦିଗରେ ପ୍ରମୁଖ ପଦକ୍ଷେପ । ସେ କହିଛନ୍ତି ଦେଶପାଇଁ ଏକ ନୂଆ ବଜାର ଉନ୍ମୁକ୍ତ ହୋଇଛି ଏବଂ ଦେଶର ଉଦ୍ୟୋଗୀମାନେ ଏହାର ଲାଭ ଉଠାଇବା ଉଚିତ୍ । ସେ କହିଛନ୍ତି

ଭାରତର ଗଣତନ୍ତ୍ର ଓ ଜନସଂଖ୍ୟା ବିଶ୍ୱ ପାଇଁ ନୂଆ ଆଶା ସୃଷ୍ଟି କରିଛି ଏବଂ ଭାରତ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି ।

**V/O (2 PM Modi on Indian Democracy)**

ବଜେଟ୍ ଅଧିବେଶନର ଦ୍ୱିତୀୟ ଦିନରେ ଶ୍ରୀ ମୋଦୀ କହିଛନ୍ତି ଦେଶ ଆଗକୁ ବଢୁଥିବାବେଳେ ପ୍ରତିବନ୍ଧକ ସୃଷ୍ଟି ନକରି ସମାଧାନ ଦିଗରେ ବ୍ରତୀ ହେବା ଆବଶ୍ୟକ । ଦେଶର ବିକାଶ ଲାଗି ସମସ୍ତଙ୍କୁ ଗଠନମୂଳକ କାର୍ଯ୍ୟରେ ସହଭାଗି ହେବାଲାଗି ପ୍ରଧାନମନ୍ତ୍ରୀ ଆହ୍ୱାନ ଦେଇଛନ୍ତି । ସେ କହିଛନ୍ତି ଗଣତନ୍ତ୍ରର ମନ୍ଦିରରେ ଦେଶର ସାମର୍ଥ୍ୟ ସମ୍ପର୍କରେ ବିଶ୍ୱକୁ ସାଂସଦମାନେ ସ୍ପଷ୍ଟ ବାର୍ତ୍ତା ଦେବାର ସୁଯୋଗ ରହିଛି ।

**V/O (3 PM Urges MP)**

# ଇକୋନୋମିକ ସର୍ଭେ

ଦେଶର ବାସ୍ତବ ମୋଟ୍ ଘରୋଇ ଉତ୍ପାଦ-ଜିଡିପି ୨୦୨୬ ଆର୍ଥିକ ବର୍ଷରେ ୭ ଦଶମିକ ୪ ପ୍ରତିଶତ ବୃଦ୍ଧି ନେଇ ଆକଳନ କରାଯାଇଛି ଏବଂ ୨୦୨୭ ଆର୍ଥିକ ବର୍ଷରେ ଏହା ୬ ଦଶମିକ ୮ରୁ ୭ ଦଶମିକ ୨ ପ୍ରତିଶତ ମଧ୍ୟରେ ରହିବ ବୋଲି କୁହାଯାଇଛି । ଆଜି ଲୋକସଭାରେ ଅର୍ଥନୈତିକ ସର୍ଭେ ରିପୋର୍ଟ ଉପସ୍ଥାପନ କରି ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଏହି ବିଷୟ ପ୍ରକାଶ କରିଛନ୍ତି ।

ଅର୍ଥନୈତିକ ସର୍ଭେ ଅନୁଯାୟୀ ଭାରତୀୟ ଅର୍ଥନୀତି ୨୦୨୬ ଆର୍ଥିକ ବର୍ଷରେ ଦୃଢ଼ ବିକାଶଗତି ବଳବତ୍ତର ରହିଛି । ବିଶେଷକରି ଘରୋଇ ଚାହିଦା ବୃଦ୍ଧିପାଇବା ଫଳରେ ପ୍ରଥମ ପର୍ଯ୍ୟାୟରେ ବାସ୍ତବ ଜିଡିପି ଅଭିବୃଦ୍ଧି ୭ ଦଶମିକ

୪ ପ୍ରତିଶତ ରହିଛି । ବିନିର୍ମାଣ କାର୍ଯ୍ୟକଳାପ ଦୃଢ଼ ହୋଇଥିବାବେଳେ କୃଷିକ୍ଷେତ୍ର ଦେଶର ଅର୍ଥନୀତିକୁ ସ୍ଥିରତା ପ୍ରଦାନ କରିଛି ।

ଏହି ଅର୍ଥନୈତିକ ସର୍ଭେରେ ବିଶ୍ୱସ୍ତରୀୟ ଅର୍ଥନୈତିକ ଅନିଶ୍ଚିତତା ପ୍ରମୁଖ ଅର୍ଥନୀତି ଗୁଡ଼ିକରେ ଦେଖାଦେଇଥିବା ବାଣିଜ୍ୟିକ ପ୍ରତିବନ୍ଧକ ଆଦି ବିଷୟ ଦର୍ଶାଯାଇଛି ।

## ମହା-ଅଜିତ୍ ପାଓ୍ୱାର

ମହାରାଷ୍ଟ୍ରର ପରଲୋକଗତ ଉପମୁଖ୍ୟମନ୍ତ୍ରୀ ଅଜିତ ପାଓ୍ୱାରଙ୍କ ଶେଷକୃତ୍ୟ ଆଜି ସମ୍ପୂର୍ଣ୍ଣ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ବାରମତୀର ବିଦ୍ୟା ପ୍ରତିଷ୍ଠାନ ମଇଦାନରେ ସମ୍ପନ୍ନ ହୋଇଛି । କେନ୍ଦ୍ରମନ୍ତ୍ରୀ ଅମିତ ଶାହା ଏବଂ ନୀତିନ ଗଡକରୀ, ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନବିଶ, ଉପମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେ, ଗୋଆ ମୁଖ୍ୟମନ୍ତ୍ରୀ ପ୍ରମୋଦ ସାଓ୍ୱନ୍ତ, ବିଜେପି ଅଧ୍ୟକ୍ଷ ନୀତିନ ନବୀନ, ଏନ୍‌ସିପି-ଏସ୍‌ପି ମୁଖ୍ୟ ଶରଦ ପାଓ୍ୱାର, ଅଜିତ ପାଓ୍ୱାରଙ୍କ ପତ୍ନୀ ତଥା ସାଂସଦ ସୁନେତ୍ର ପାଓ୍ୱାର, ପୁଅ ପାର୍ଥ ଏବଂ ଜୟ ପାଓ୍ୱାର, ଏନ୍‌ସିପି-ଏସ୍‌ପି ସାଂସଦ ସୁପ୍ରିୟା ସୁଲେ ପ୍ରମୁଖ ଶେଷକୃତ୍ୟରେ ସାମିଲ ହୋଇଥିଲେ ।

ପରଲୋକଗତ ଉପମୁଖ୍ୟମନ୍ତ୍ରୀ ଅଜିତ ପାଓ୍ୱାରଙ୍କୁ ଶେଷ ସମ୍ମାନ ଜଣାଇବା ଲାଗି ହଜାର ହଜାର ସଂଖ୍ୟାର ଜନସାଧାରଣ ଅନ୍ତିମ ସଂସ୍କାର ସ୍ଥଳୀରେ ଉପସ୍ଥିତ ଥିଲେ । ଶେଷଦର୍ଶନ ପାଇଁ ତାଙ୍କ ମରଶରୀରକୁ ବାରମତୀର ପୂଣ୍ୟଶ୍ଲୋକ ଅହିଲ୍ୟାଦେବୀ ହସ୍ପିଟାଲରୁ ଅଣାଯାଇ କାଟେଓ୍ୱାଡି ଗ୍ରାମରେ ରଖାଯାଇଥିଲା । ମହାରାଷ୍ଟ୍ର ନବନିର୍ମାଣ ସେନାମୁଖ୍ୟ ରାଜ୍ ଠାକ୍‌ରେ, ତାଙ୍କ ପତ୍ନୀ ଓ ପୁଅ ଅମିତ ଏବଂ ଅଭିନେତା ରିତେଶ ଦେଶମୁଖ ଓ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ କାଟେଓ୍ୱାଡିସ୍ଥିତ ବାସଭବନରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।

ସୂଚନାଯୋଗ୍ୟ ଗତକାଲି ବାରମତୀ ବିମାନ ବନ୍ଦରରେ କ୍ରାସ୍ ଲ୍ୟାଣ୍ଡିଂ ସମୟରେ ମହାରାଷ୍ଟ୍ରର ଉପମୁଖ୍ୟମନ୍ତ୍ରୀ ଅଜିତ ପାୱାରଙ୍କ ସମେତ ଅନ୍ୟ ୫ଜଣଙ୍କ ମୃତ୍ୟୁ ଘଟିଥିଲା ।

୬୬ବର୍ଷୀୟ ଅଜିତ ପାୱାରଙ୍କ ଆକସ୍ମିକ ମୃତ୍ୟୁ ପରେ ମହାରାଷ୍ଟ୍ରର ବିଜେପି ସମର୍ଥିତ ସରକାରରେ ରାଜନୈତିକ ଶୂନ୍ୟସ୍ଥାନ ସୃଷ୍ଟି ହୋଇଛି । ଅଜିତ ପାୱାରଙ୍କ ନେତୃତ୍ୱାଧୀନ ନ୍ୟାସନାଲିଷ୍ଟ କଂଗ୍ରେସ ପାର୍ଟିର ଭବିଷ୍ୟତ କାର୍ଯ୍ୟପନ୍ଥା ନେଇ ଆଲୋଚନା ଆରମ୍ଭ ହୋଇଥିବା ଜଣାପଡିଛି ।

# ଅଜିତ ପାୱାର-ପ୍ଲେନ୍ ବ୍ଲାକବକ୍ସ

ମହାରାଷ୍ଟ୍ରର ଉପମୁଖ୍ୟମନ୍ତ୍ରୀ ଅଜିତ ପାୱାର ଏବଂ ଅନ୍ୟ ୪ଜଣଙ୍କୁ ନେଇ ଯାଉଥିବା ବିମାନ ଗତକାଲି ବାରମତୀଠାରେ ଦୁର୍ଘଟଣାଗ୍ରସ୍ତ ହେବା ପରେ ଆଜି ତାହାର ବ୍ଲାକବକ୍ସ ଉଦ୍ଧାର ହୋଇଥିବା ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ସୂଚନା ଦେଇଛି । ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ଦୁର୍ଘଟଣାପରେ ବ୍ଲାକବକ୍ସ ଉଦ୍ଧାର କରିବା ଲାଗି ଅଭିଯାନ ଆରମ୍ଭ କରାଯାଇଥିଲା । ଗତକାଲି ଦିଲ୍ଲୀର ବିମାନ ଦୁର୍ଘଟଣା ତଦନ୍ତବ୍ୟୁରୋର ୩ଜଣ ଅଧିକାରୀ ଓ ମହାନିର୍ଦ୍ଦେଶକ ଏବଂ ବେସାମରିକ ବିମାନ ଚଳାଚଳ ନିର୍ଦ୍ଦେଶାଳୟର ମୁମ୍ବାଇସ୍ଥିତ ଆଞ୍ଚଳିକ କାର୍ଯ୍ୟାଳୟର ଅନ୍ୟ ୩ଜଣ ଅଧିକାରୀଙ୍କୁ ନେଇ ଗଠିତ ଦଳ ଘଟଣାସ୍ଥଳରେ ପହଞ୍ଚିଥିଲେ ।

ମନ୍ତ୍ରଣାଳୟର ସୂଚନା ଅନୁଯାୟୀ ଦୁର୍ଘଟଣାର କାରଣ ଜାଣିବା ଲାଗି ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସ୍ୱଚ୍ଛଢ଼ଙ୍ଗରେ ତଦନ୍ତକାର୍ଯ୍ୟ ଶେଷ କରିବା ଲାଗି ଗୁରୁତ୍ୱ

ଦିଆଯାଉଛି । ନିର୍ଦ୍ଧାରିତ ପ୍ରକ୍ରିୟା ଅନୁସରଣ କରି ସମୟବଦ୍ଧ ତଦନ୍ତ ଲାଗି ମନ୍ତ୍ରଣାଳୟ ପ୍ରତିବଦ୍ଧ ବୋଲି କୁହାଯାଇଛି ।

## ବିଟିଂ ରିଟ୍ରିଟ୍-ପିଏମ୍, ରାଜନାଥ

୭୭ତମ ଗଣତନ୍ତ୍ର ଦିବସ ସମାରୋହର ଉଦ୍‌ଯାପନୀ ଅବସରରେ ଆଜି ନୂଆଦିଲ୍ଲୀରେ ଧ୍ୱଜାବତରଣ ସମାରୋହ ଅନୁଷ୍ଠିତ ହେବ । ବିଜୟଚୌକ୍‌ଠାରେ ହେବାକୁଥିବା ଏହି ସମାରୋହରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂଙ୍କ ସମେତ ବହୁ କେନ୍ଦ୍ରମନ୍ତ୍ରୀ ଓ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେବେ । ସୂଚନା ଅନୁଯାୟୀ, ସେନାର ତିନିବାହିନୀ ଏବଂ କେନ୍ଦ୍ରୀୟ ସଶସ୍ତ୍ର ପୋଲିସ୍ ବାହିନୀ ପକ୍ଷରୁ ୩୦ଟି ମ୍ୟୁଜିକ୍ ବ୍ୟାଣ୍ଡ୍ ପ୍ରଦର୍ଶନ କରାଯିବ । 'କଦମ୍ କଦମ୍ ବଢ଼ାୟ ଯା'ରୁ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇ "ସାରେ ଯାହାଁସେ ଆଚ୍ଛା"ରେ ଶେଷ ହେବ ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି ଧ୍ୱଜାବତରଣ ସମାରୋହ ସାଧାରଣତନ୍ତ୍ର ଦିବସ ପାଳନ ଶେଷ ହେବାର ପ୍ରତିକାତ୍ମକ ପ୍ରଦର୍ଶନୀ । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ସେ କହିଛନ୍ତି ଏହି ସମାରୋହରେ ଭାରତର ସମୃଦ୍ଧ ସାମରିକ ଐତିହ୍ୟର ଦୃଢ଼ତା ପ୍ରଦର୍ଶନ କରାଯିବ । ସେ କହିଛନ୍ତି ଦେଶର ସୁରକ୍ଷା ପାଇଁ ସେନାବାହିନୀର ଯେଉଁ ଜବାନମାନେ ସେମାନଙ୍କ ଜୀବନ ଉତ୍ସର୍ଗ କରିଛନ୍ତି ସେମାନଙ୍କ ଲାଗି ଦେଶ ଗର୍ବିତ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂହ କହିଛନ୍ତି ଧ୍ୱଜାବତରଣ ସମାରୋହ ସେନାବାହିନୀର ଶୃଙ୍ଖଳା, ଏକତା ଏବଂ ବୀରଗାଥାର ପ୍ରତିଫଳନ । ସାମରିକ ଐତିହ୍ୟ ଏବଂ ଗର୍ବର ପ୍ରତୀକ ଭାବେ ଏହି ସମାରୋହର ଗୁରୁତ୍ୱ ରହିଛି ।

# ଏଚ୍‌ସି-ଫ୍ରିଡମ ଅଫ୍ ସ୍ପିଚ୍

ଅଭିବ୍ୟକ୍ତିର ସ୍ୱାଧୀନତା ଏକ ମୌଳିକ ଅଧିକାର ହୋଇଥିଲେ ମଧ୍ୟ ଏହା ଅସୀମିତ ନୁହେଁ କିମ୍ବା କୌଣସି ବ୍ୟକ୍ତି ବା ସଂଗଠନ ବିରୋଧରେ ଅପମାନଜନକ ଭାବେ ବ୍ୟବହାର କରାଯାଇପାରିବ ନାହିଁ ବୋଲି ଦିଲ୍ଲୀ ଉଚ୍ଚନ୍ୟାୟାଳୟ ସ୍ପଷ୍ଟ କରିଛନ୍ତି । ନ୍ୟାୟାଳୟ କହିଛନ୍ତି ସମ୍ବିଧାନର ଧାରା-୧୯, ଉପଧାରା-୨ରେ ଅଭିବ୍ୟକ୍ତିର ସ୍ୱାଧୀନତାରେ ଥିବା ପ୍ରତିବନ୍ଧକ ବିଷୟରେ କୁହାଯାଇଛି । ଏହା କାହାର ମାନହାନି କରିବା ଉଦ୍ଦେଶ୍ୟରେ ବ୍ୟବହାର କରାଯାଇପାରିବ ନାହିଁ ବୋଲି କୋର୍ଟ କହିଛନ୍ତି । ବିଚାରପତି ଜ୍ୟୋତି ସିଂହ କହିଛନ୍ତି ଯେକୌଣସି ପ୍ରକାରର ଅଭିବ୍ୟକ୍ତିକୁ ସ୍ୱାଧୀନତା ଆଳରେ ଗ୍ରହଣ କରାଯାଇପାରିବ ନାହିଁ । ଏକ କମ୍ପାନୀ ଏବଂ ଏହାର ପୂର୍ବତନ କର୍ମଚାରୀଙ୍କ ମଧ୍ୟରେ ସୃଷ୍ଟି ହୋଇଥିବା ବିବାଦର ଶୁଣାଣି ସମୟରେ ନ୍ୟାୟାଳୟ ସ୍ୱାଧୀନତାର ଅଭିବ୍ୟକ୍ତିକୁ ନେଇ ସ୍ପଷ୍ଟ କରିଛନ୍ତି । ଏହି ମାମଲାରେ ପୂର୍ବତନ କର୍ମଚାରୀଜଣକ ସାମାଜିକ ଗଣମାଧ୍ୟମରେ ଅପଲୋଡ କରିଥିବା ଭିଡ଼ିଓ ଗୁଡ଼ିକୁ ତୁରନ୍ତ ହଟାଇଦେବା ଏବଂ ସେଗୁଡ଼ିକର ପ୍ରସାରଣ ନକରିବା ଉପରେ ପ୍ରତିବନ୍ଧକ ଜାରି କରିଛନ୍ତି ।

# ପୀୟୁଷ ଗୋଏଲ-ଏଫ୍‌ଟିଏ

କେନ୍ଦ୍ର ବାଣିଜ୍ୟ ଓ ଶିଳ୍ପମନ୍ତ୍ରୀ ପୀୟୁଷ ଗୋଏଲ ଭାରତ ୟୁରୋପୀୟ ସଂଘ ମୁକ୍ତ ବାଣିଜ୍ୟ ରାଜିନାମା ନେଇ କଂଗ୍ରେସ ନେତା ଜୟରାମ ରମେଶଙ୍କ ମନ୍ତବ୍ୟକୁ ପ୍ରତ୍ୟାଖାନ କରିଛନ୍ତି । ସେ କହିଛନ୍ତି ଏହି ଚୁକ୍ତିନାମା ଉଭୟ ଭାରତ ଏବଂ ୟୁରୋପୀୟ ସଂଘ ପାଇଁ ଲାଭଦାୟକ ସାବ୍ୟସ୍ତ ହେବ । ଶ୍ରୀ ଗୋଏଲ କହିଛନ୍ତି ଯେଉଁମାନେ କ୍ଷମତାରେ ଥିବାବେଳେ ସମୟୋଚିତ ପଦକ୍ଷେପ ନେଇପାରିନଥିଲେ, ସେମାନେ ଏହି ଚୁକ୍ତିକୁ ନେଇ ସମାଲୋଚନା କରିବା ଆଶ୍ଚର୍ଯ୍ୟଜନକ । ସାମାଜିକ ଗଣମାଧ୍ୟମରେ କେତେକ ଟ୍ୱିଟ୍ କରି ଶ୍ରୀ ଗୋଏଲ କହିଛନ୍ତି ଅତୀତରେ କୌଣସି ପଦକ୍ଷେପ ନନେବା ଯୋଗୁଁ ଦେଶକୁ ବହୁମୂଲ୍ୟ ଦେବାକୁ ପଡୁଛି ।

ରାଜ୍ୟସଭା ସାଂସଦ ଜୟରାମ ରମେଶଙ୍କ ଅଭିଯୋଗର ଉତ୍ତରରେ ମନ୍ତ୍ରୀ କହିଛନ୍ତି ଉଭୟ ଦେଶର ଅର୍ଥନୀତି ୨୫ ଟ୍ରିଲିୟନ ଡଲାର ସମ୍ମିଳିତ ଜିଡିପିକୁ ଏକତ୍ର କରିଛି । ଏହାଦ୍ୱାରା ଭାରତର ଅର୍ଥନୈତିକ ବିକାଶ ସଶକ୍ତ ହେବା ସହ ଦେଶର ଉଦ୍ୟୋଗୀ ଏବଂ ଲୋକଙ୍କ ପାଇଁ ନୂଆ ସୁଯୋଗ ସୃଷ୍ଟି କରିବ । କେନ୍ଦ୍ର ସରକାର ଷ୍ଟିଲ୍, ଆଲୁମିନିୟମ ଏବଂ ଅନ୍ୟାନ୍ୟ କ୍ଷେତ୍ରରେ ରପ୍ତାନୀକାରୀମାନେ ସମ୍ମୁଖୀନ ହେଉଥିବା ସମସ୍ୟାର ସମାଧାନ ଲାଗି ସରକାର ବିଚାର କରୁଛନ୍ତି । ଭାରତ ସରକାର ଆଲୋଚନା, ଦ୍ୱିପାକ୍ଷିକ କଥାବାର୍ତ୍ତା ଏବଂ ସହଯୋଗ ଭିତ୍ତିରେ ବିଭିନ୍ନ ସମସ୍ୟାର ସମାଧାନ କରୁଥିବା ଶ୍ରୀ ଗୋଏଲ କହିଛନ୍ତି ।